
# ଟିକି ପେଚା ଛୁଆ



ମାଇକ ଥେଲର

ଏକଲବ୍ୟ ପ୍ରକାଶନ

ଏକଲବ୍ୟ ପ୍ରକାଶନ



# ଟିକି ପେଚା ଛୁଆ


ମାଇକ ଥେଲର

ଚିତ୍ର- କନକ ଶଶୀ



ଏଲଲବ୍ୟ ପ୍ରକାଶନ

# ଟିକି ପେଚା ଛୁଆ

# CHUTKI ULLI

A Picture Story book
Story: Mike Thelar
Illustrations: Kanak Shashi
Translated by: Dash Benhur

This Oriya translation is supported by the Parag initiative of Tata Trusts.

April 2018 / 1500 copies
Reprint: January 2023 / 1000 copies
Reprint: December 2023 / 3500 copies
Paper: 100 gsm Maplitho and 210 gsm Paper board (Cover)
ISBN: 978-93-87926-01-1
Price ₹ 60.00

Published by:
**EKLAVYA FOUNDATION**
Jamnalal Bajaj Parisar
Near Fortune Kasturi, Jatkhedi,
Bhopal - 462 026 (MP)
Phone: +91 755 - 297 7770, 71, 72
www.eklavya.in / books@eklavya.in

Printed at: R K Secuprint P Ltd, Bhopal, Phone +91 755 2687 589



ପେଚା ଛୁଆଟି ଦୁଇ ବର୍ଷର ହେଲାବେଳକୁ ସେ ପ୍ରଶ୍ନ ପଚାରିବା ଆରମ୍ଭ କଲା ।


"ଆକାଶରେ ତାରା କେତେ ?" ଦିନେ ରାତିରେ ସେ ତା' ମାଆକୁ ପଚାରିଲା ।

"ଅନେକ ତାରା", ମାଆ କହିଲା । ।

"କେତେ ?", ପେଚା ଛୁଆ ଆକାଶକୁ ଚାହିଁ ପୁଣି ଥରେ ପଚାରିଲା ।

ମାଆ ମୁରୁକି ହସିଲା । କହିଲା, "ଯା' ଗଣି ଆସିବୁ ।"

"ଏକ, ଦୁଇ, ତିନି, ଚାରି..."



"ଶହେ ଏକ,

ଶହେ ଦୁଇ,

ଶହେ ତିନି,

ଶହେ ଚାରି..."

ସୂର୍ଯ୍ୟ ଆସି ଫରଚା ଦିଶିବା ପରେ ମଧ୍ୟ ପେଚା ଛୁଆ ଗଣୁଥାଏ ।

"ହଜାରେ ଏକ,

ହଜାରେ ଦୁଇ..."



"କେତେ ତାରା ଅଛି ଆକାଶରେ ?", ମାଆ ପଚାରିଲା ।

"ଏତେଗୁଡ଼ାଏ ଯେ ମୁଁ ଗଣି ପାରିବି ନାହିଁ", ଆଖି ପତା ମାଡ଼ି ମାଡ଼ି ପଡୁଥାଏ । ଆଖି ବନ୍ଦ କରି ପେଚା ଛୁଆ କହିଲା ।


ତା' ମୁଣ୍ଡକୁ ପରରେ ଢାଙ୍କି ଶୋଇ ପଡ଼ିଲା ।


ତା’ ପରଦିନ ପେଚା ଛୁଆଁ ପୁଣି ଆକାଶକୁ ଚାହିଁ ପଚାରିଲା,
“ମାଆ ଆକାଶ କେତେ ଉଚ୍ଚ ହେବ ?”

“ବହୁ...ତ ଉଚ୍ଚ”, ମାଆ କହିଲା ।

“କହନ୍ତୁ କେତେ ଉଚ୍ଚ ?”, ପେଚା ଛୁଆ ପଚାରିଲା ।

“ନିଜେ ଯାଇ ଦେଖି ଆସ୍”, ମାଆ କହିଲା ।





ଟିକି ପେଚା ଏଥର ଆକାଶକୁ ଉଡ଼ି ଚାଲିଲା । ବସିଥିବା ଗଛ ଠାରୁ ଅନେକ ଉଚ୍ଚରେ ଉଡ଼ିଲା । ଉଡ଼ି ଉଡ଼ି ଯାଇ ବାଦଲରେ ପହଞ୍ଚିଲା । ନିଜ ପରକୁ ଜୋର୍‌ରେ ଝାଡ଼ି ପୁଣି ବାଦଲରୁ ଆହୁରି ଉପରକୁ ଉଡ଼ିଲା । କିନ୍ତୁ ସେ ଯେତେ ଉପର୍‌କୁ ଉଡୁଥାଏ ଆକାଶ ଆହୁରି ଉଚ୍ଚ ଦେଖାଯାଉଥାଏ ।


ସକାଳୁ ନିଜ ଗଛକୁ ଫେରି ଆସିବା ବେଳକୁ ସେ ପୂରାପୂରି ଥକି ଯାଇଥିଲା ।

"ତା' ହେଲେ କହ କେତେ ଉଚ୍ଚ ଏ ଆକାଶ ?'' ମାଆ ପଚାରିଲା ।

"ଏତେ ଉଚ୍ଚ ଯେ ମୁଁ ସେଠାରେ କେବେ ପହଞ୍ଚି ପାରିବି ନାହିଁ," ପେଚା ଛୁଆ କହିଲା ଓ ଶୋଇ ପଡ଼ିଲା ।



ତା' ଆର ଦିନ ପେଚା ଛୁଆ ସମୁଦ୍ର ଲହଡ଼ିର
ଶବ୍ଦ ଶୁଣିଲା । ମାଆକୁ ପଚାରିଲା, "ମାଆ ଏ
ବିଶାଳ ସମୁଦ୍ରରେ ଲହଡ଼ି କେତେ ଅଛି ?"
ମାଆ କହିଲା, "ଅନେକ ଗୁଡ଼ାଏ ।"
"କେତେ ?", ପେଚା ପୁଣିଥରେ ପଚାରିଲା ।
"ଯା' ଗଣିବୁ କେତେ ଲହଡ଼ି ଅଛି
ସମୁଦ୍ରରେ", ମାଆ କହିଲା ।




ମାଆ କଥା ମାନି ପେଚା ଛୁଆ ସଙ୍ଗେ ସଙ୍ଗେ ଉଡ଼ି ଗଲା ଲହଡ଼ି ଗଣିବାକୁ ।

"ଏକ, ଦୁଇ, ତିନି, ଚାରି..."

କିନ୍ତୁ ସେ ଯେତେଥର ଲହଡ଼ି ଗଣୁଥାଏ, ସେତେଥର ଆହୁରି ଲହଡ଼ି ଆସି କୂଳରେ ବାଡ଼େଇ ହେଉଥାଏ ।

"ହଜାରେ ଏକ, ହଜାରେ ଦୁଇ, ହଜାରେ ତିନି..."


ସୂର୍ଯ୍ୟ ଆକାଶରେ ଦେଖାଗଲା ପରେ ମଧ୍ୟ ସମୁଦ୍ର ଲହଡ଼ି କୂଳରେ ବାଡ଼େଇ ହେଉଥିବା ପେଚା ଛୁଆ ଦେଖିଲା ।



ତା'କୁ ବହୁତ ଜୋର୍‌ରେ ନିଦ ମାଡ଼ି ଆସୁଥାଏ । ଆଉ ସମୁଦ୍ର ଲହଡ଼ି ଗଣିବା ତା' ପାଇଁ ସମ୍ଭବ ହେଲା ନାହିଁ । ଉଡ଼ି ଆସି ସେ ମାଆ ପାଖରେ ପହଞ୍ଚିଲା ।

"କେତେ ଲହଡ଼ି ଅଛି ସମୁଦ୍ରରେ ?", ମାଆ ପଚାରିଲା ।

"ଏତେ ଗୁଡ଼ାଏ ଯେ ମୁଁ କେବେ ବି ଗଣି ପାରିବିନି'', ପେଚା ଛୁଆ ଉତ୍ତର ଦେଲା ।



ତା' ପରଦିନ ରାତିରେ ସେ ମାଆକୁ ପଚାରିଲା, “ମାଆ ସମୁଦ୍ର କେତେ ଗଭୀର ?”


“ବହୁତ ଗଭୀର”, ମାଆ କହିଲା ।

“କହୁନୁ କେତେ ଗଭୀର ?”, ପୁଣି ପଚାରିଲା ଟିକି ପେଚା ଛୁଆ ।

ମାଆ ଆକାଶକୁ ଚାହିଁ କହିଲା, “ପାଖାପାଖି ଆକାଶ ଯେତେ ଉଚ୍ଚ ସେତିକି ଗଭୀର ସମୁଦ୍ର ।”

କୁନି ପେଚା ସାରା ରାତି ଆକାଶ ଓ ତାରାମାନଙ୍କ ବିଷୟରେ ଭାବିଲା । ସମୁଦ୍ର ଓ ସମୁଦ୍ର ଲହଡ଼ି ବିଷୟରେ ଭାବୁଥାଏ । ଯାହା ବି ମାଆ ଠାରୁ ଶିଖିଛି ସେ କଥା ସବୁ ଭାବୁଥାଏ ।

ସକାଳ ହେଲା । ଟିକି ପେଚା ଛୁଆ ତା'ମାଆ ପାଖକୁ ଯାଇ କହିଲା, "ମାଆ ମୁଁ ତତେ ବହୁତ ଭଲପାଏ ।"



"ଆଚ୍ଛା ! କେତେ ଭଲ ପାଉ", ମାଆ ପଚାରିଲା ।

"ବହୁତ !" ଟିକି ପେଚା ଉତ୍ତର ଦେଲା ।

କିଛି ସମୟ ଭାବି ମାଆକୁ କୁଣ୍ଢେଇ କହିଲା, "ଆକାଶ ଯେତେ ଉଚ୍ଚ ଓ ସମୁଦ୍ର ଯେତେ ଗଭୀର ମୁଁ ତତେ ସେତେ ଭଲ ପାଏ ମାଆ ।"

ମାଆ ନିଜ ପରରେ କୁନି ପେଚାକୁ କୁଣ୍ଢେଇ ଧରିଲା ।

"ତୁ ମୋତେ ଏମିତି କେତେଥର କୁଣ୍ଢେଇବୁ", ପେଚା ଛୁଆ ପଚାରିଲା ।

"ଅନେକ ଥର !", ମାଆ ହସି ଦେଇ କହିଲା ।

"କହ ନା ! କେତେ ଥର ?" କୁନି ପେଚା ଗେହ୍ଲାରେ ପଚାରିଲା ।

"ଯେତେ ଲହଡ଼ି ଅଛି ସମୁଦ୍ରରେ, ଯେତେ ତାରା ଅଛି ଆକାଶରେ... ।

**ଏକଲବ୍ୟ**

ଏକଲବ୍ୟ ଗୋଟିଏ ସ୍ୱେଚ୍ଛାସେବୀ ସଂସ୍ଥା । ଏହା ଗତ ତିରିଶି ବର୍ଷ ଧରି ଶିକ୍ଷା ଏବଂ ଜନବିଜ୍ଞାନ କ୍ଷେତ୍ରରେ କାମ କରୁଛି । ଏକଲବ୍ୟ ବିଦ୍ୟାଳୟ ଓ ବିଦ୍ୟାଳୟ ବାହାରେ ମଧ୍ୟ କାର୍ଯ୍ୟକାରୀ ହେଉଛି ।


ଏକଲବ୍ୟର ମୂଳ ଉଦ୍ଦେଶ୍ୟ ଏଭଳି ଶିକ୍ଷାର ବିକାଶ ଯାହା ପିଲାମାନଙ୍କ ପରିବେଶ ସହ ଯୋଡ଼ି ହୋଇଥିବ; ଯାହା ଖେଳ ବା ସର୍ଜନାତ୍ମକ ଚିନ୍ତାଧାରା ଉପରେ ଆଧାରିତ । ଆମେ କାମ କରୁଥିବାବେଳେ ଜାଣିପାରିଲୁ ଯେ ବିଦ୍ୟାଳୟରେ ଅଭ୍ୟାସ ସେତେବେଳେ ସାର୍ଥକ ହେବ ଯେତେବେଳେ ବିଦ୍ୟାଳୟ ସମୟ ପରେ ମଧ୍ୟ ବିଦ୍ୟାଳୟ ବାହାରେ ଓ ଘରେ, ରଚନାତ୍ମକ କାର୍ଯ୍ୟକ୍ରମର ସାଧନ ସେମାନଙ୍କୁ ସହଜରେ ମିଳିବ । ପୁସ୍ତକ କିମ୍ବା ପତ୍ରିକା ଏ ସାଧନର ଗୋଟିଏ ଅଂଶ ।

ଗତ କିଛି ବର୍ଷ ହେବ ଆମେ ଆମ କାମ ପୁସ୍ତକ ପ୍ରକାଶନ କ୍ଷେତ୍ର ଆଡ଼କୁ ପ୍ରସାରିତ କରିଛୁ । ପିଲାଙ୍କ ପତ୍ରିକା 'ଚକମକ' ଛଡ଼ା 'ସ୍ରୋତ' (ବିଜ୍ଞାନ ଏବଂ ପ୍ରବିଧି ଫିଚର) ତଥା 'ଶୈକ୍ଷଣିକ ସନ୍ଦର୍ଭ' (ଶିକ୍ଷା ପତ୍ରିକା) ଆମର ନିୟମିତ ପ୍ରକାଶନର ଗୋଟିଏ ଗୋଟିଏ ଅଂଶ । ଶିକ୍ଷା, ଜନବିଜ୍ଞାନ, ପିଲାଙ୍କ ପାଇଁ ସର୍ଜନାତ୍ମକ କାର୍ଯ୍ୟ ଛଡ଼ା ବିକାଶ ପାଇଁ ବ୍ୟାପକ ଦିଗ ଉପରେ ଜଡ଼ିତ ପୁସ୍ତକ, ପତ୍ରିକା, ସାମଗ୍ରୀ ଇତ୍ୟାଦି ଏକଲବ୍ୟ ତିଆରି କରୁଛି ଓ ପ୍ରକାଶ କରୁଛି ।

ବର୍ତ୍ତମାନ ଏକଲବ୍ୟର ମଧ୍ୟପ୍ରଦେଶର ଭୋପାଲ, ହୋଶଂଗାବାଦ, ପିପିରିଆ, ତାମିଆ, ହରଦା, ଦେବାସ ତଥା ଶାହପୁର (ବୈତୁଲ) ସ୍ଥିତ କାର୍ଯ୍ୟାଳୟ ରହିଛି ।


ଏ ପୁସ୍ତକର ସାମଗ୍ରୀ ଏବଂ ସଜ୍ଜା ଉପରେ ଆପଣଙ୍କର ନୂଆ ପ୍ରସ୍ତାବ ସ୍ୱାଗତ କରାଯାଉଛି । ଆଗାମୀ ପୁସ୍ତକଗୁଡ଼ିକୁ ଆହୁରି ଅଧିକ ସୁନ୍ଦର, ଆକର୍ଷଣୀୟ, ରୁଚିକର ଏବଂ ଉପଯୋଗୀ କରିବାରେ ସେ ସବୁ ଆମକୁ ସାହାଯ୍ୟ କରିବ ।

ସମ୍ପର୍କ- books@eklavya.in



**ଚିତ୍ର-କଥା ସମ୍ପର୍କରେ କିଛି:**

୩ ରୁ ୭ ବର୍ଷର ପିଲାମାନଙ୍କ ପାଇଁ ସବୁଠାରୁ ଭଲ କାହାଣୀ ସେଗୁଡ଼ିକ ହୋଇଥାଏ ଯାହା ତାଙ୍କ ପରିବେଶକୁ ନେଇ ରଚିତ ହୋଇଥାଏ । ଏବଂ ଏଇ ପିଲାମାନଙ୍କ ପାଇଁ ପ୍ରସ୍ତୁତ ଚିତ୍ରକଥା ଏମିତି ହେବା କଥା ଯେଉଁଥିରେ ନୂଆ-ନୂଆ ପରିସ୍ଥିତି ଓ ପ୍ରଶ୍ନକୁ ଅନ୍ୱେଷଣ କରୁଥିବା କିଛି ଅଳ୍ପ-ବହୁତ ଚରିତ୍ର ଥିବା ଦରକାର । କିଛି କଥା କାହାଣୀରେ ବାରମ୍ବାର ଲେଖା ରହିଥିବା ବେଳେ ଆଉ କିଛି ନୂଆ ନୂଆ କଥା ଖୋଲି ଚାଲିଥିବ । ଲିଖିତ ଭାଷା କମ୍ ଥିବ କିନ୍ତୁ ପରିଚିତ ଶବ୍ଦ ହୋଇଥିବ । ଚିତ୍ରରେ ଭରପୂର ତ ରହିବ, ତେବେ ଏହାର ଟିକିନିଖି କଥା ଉପରେ ମଧ୍ୟ ଧ୍ୟାନ ଦିଆଯିବା ଉଚିତ୍ ଯାହା କାହାଣୀକୁ ଅଧିକ ସମୃଦ୍ଧ କରିବ ଓ ପିଲାମାନଙ୍କ ମନରେ ସବୁଦିନ ପାଇଁ ଛାପି ହୋଇ ରହିଯିବ । ନୂଆ ନୂଆ ପାଠପଢ଼ା ଆରମ୍ଭ କରୁଥିବା କୁନି କୁନି ପିଲାମାନଙ୍କ ପାଇଁ ଭଲ ସାଙ୍ଗଟିଏ ହେଉଛି ଏ ଚିତ୍ର-କଥା ।



ଏକଲବ୍ୟ ପ୍ରକାଶନ

parag
AN INITIATIVE OF TATA TRUSTS

Price: ₹ 60.00

9 789387 926011